# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**2 June - 2025**

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭଦ୍ରକ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଅପରାହ୍ନରେ ଭଦ୍ରକ ବ୍ଲକ ଅନ୍ତର୍ଗତ ରମ୍ବିଳା ପଞ୍ଚାୟତର ଆରଡ଼ିପଦାଠାରେ ମୁଖ୍ୟମନ୍ତ୍ରୀ ୧୪ଟି ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା ସହ ଏକ ସାଧାରଣ ସଭାରେ ଯୋଗଦେବେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଆମ ସମ୍ବାଦଦାତାଙ୍କୁ ସୂଚନା ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀ – ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆଜି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଅବଗତ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ମୁଖ୍ୟମନ୍ତ୍ରୀ-କଳିଙ୍ଗ ଷ୍ଟୁଡିଓ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର କଳିଙ୍ଗ ଷ୍ଟୁଡିଓକୁ ସ୍ୱୟଂସମ୍ପୂର୍ଣ୍ଣ ଓ ଅତ୍ୟାଧୁନିକ ଭାବେ ବିକଶିତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଏକ ଡିପିଆର ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ଗତକାଲି କଳିଙ୍ଗ ଷ୍ଟୁଡିଓ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀ ଷ୍ଟୁଡିଓର ନବୀକରଣ ଉପରେ ଗୁରୁତ୍ୱ ଦେଇଥିଲେ । ଏହା ସହ ଷ୍ଟୁଡିଓ ପରିସରରେ ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

# ଜିଏସ୍‌ଟି

ଦେଶର ଦ୍ରବ୍ୟ ଓ ସେବାକର-ଜିଏସ୍‌ଟି ସଂଗ୍ରହ କ୍ରମାଗତ ଦ୍ୱିତୀୟ ମାସରେ ୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ଅର୍ଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଗତ ମଇ ମାସରେ ଜିଏସ୍‌ଟି ସଂଗ୍ରହ ୨ ଲକ୍ଷ ୧ ହଜାର କୋଟି ଟଙ୍କା ହୋଇଛି । ଗତବର୍ଷ ମଇ ମାସ ତୁଳନାରେ ଏହା ୧୬ ଦଶମିକ ୪ ପ୍ରତିଶତ ଅଧିକ । ୨୦୨୪ ମଇ ମାସରେ ଜିଏସଟି ସଂଗ୍ରହ ୧ ଲକ୍ଷ ୭୨ ହଜାର କୋଟି ଟଙ୍କା ହୋଇଥିଲା ।

# ପାଠ୍ୟକ୍ରମ

ରାଜ୍ୟରେ ଚଳିତ ଶିକ୍ଷାବର୍ଷରେ ନବମ ଏବଂ ଦଶମ ଶ୍ରେଣୀ ପାଠ୍ୟକ୍ରମରେ କୌଣସି ପରିବର୍ତ୍ତନ ହେବ ନାହିଁ। ପୂର୍ବବର୍ଷ ଭଳି ଏଥର

ମଧ୍ୟ ପୁରୁଣା ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନେ ପାଠ ପଢ଼ିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏ ସଂକ୍ରାନ୍ତରେ ବୋର୍ଡ ସଭାପତିଙ୍କ ସମେତ ସମସ୍ତ ଜିଲ୍ଲାର ଶିକ୍ଷା ଅଧିକାରୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ।

## +୩ ନାମଲେଖା ଆବେଦନ ଶେଷ

ରାଜ୍ୟର ବିଭିନ୍ନ ଡିଗ୍ରୀ ମହାବିଦ୍ୟାଳୟରେ ଯୁକ୍ତ ୩ ନାମଲେଖା ପାଇଁ ଆବେଦନ ଶେଷ ହୋଇଛି । ସାମ୍ସ ପୋର୍ଟାଲରୁ ମିଳିଥିବା ସୂଚନା ଅନୁଯାୟୀ ଗତକାଲି ରାତି ସାଢ଼େ ୧୦ଟା ସୁଦ୍ଧା ୨ ଲକ୍ଷ ୫୮ ହଜାର ୨୫୦ ଜଣ ଛାତ୍ରଛାତ୍ରୀ ଅନ୍‌ଲାଇନ୍‌ରେ ନାମଲେଖା ନିମନ୍ତେ ଆବେଦନ କରିଛନ୍ତି । ମୋଟ୍ ୧ ହଜାର ୫୪ଟି ଡିଗ୍ରୀ କଲେଜରେ ୨ ଲକ୍ଷ ୭୪ ହଜାର ୫ଶହ ଅଣସ୍ତରୀଟି ଆସନ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି ।

## ଆମ୍ବୁଲାନ୍ସ

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଖୋର୍ଦ୍ଧା ଜିଲ୍ଲାସ୍ଥିତ ନିଳାଦ୍ରୀପ୍ରସାଦ ଓ ଡାମିଆବରବରା ଗ୍ରାମପଞ୍ଚାୟତରେ ୨ଟି ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି । ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ନିରନ୍ତର ଚିକିତ୍ସା ସହାୟତା ଯୋଗାଇବାରେ ଆମ୍ବୁଲାନ୍ସ ଗୁଡ଼ିକ ସହାୟକ ହେବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ।

# ବିଧାନସଭା ସ୍ଥାୟୀ କମିଟି

ବିଧାନସଭା ଗ୍ରାମୀଣ ପାନୀୟ ଜଳଯୋଗାଣ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ସ୍ଥାୟୀ ନବମ ଷ୍ଟାଣ୍ଡିଂ କମିଟି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରାମେଶ୍ୱରଠାରେ ନିର୍ମିତ ଜଳଜୀବନ ମିଶନ ମେଗା ପାଇପ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଛନ୍ତି । ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ କରିଥିଲେ ।

# ଶୀତଳଷଷ୍ଠୀ-ପରିକ୍ରମା

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ଶିବପାର୍ବତୀଙ୍କ ବିବାହ କାର୍ଯ୍ୟ ଗତକାଲି ସଂପନ୍ନ ହେବା ପରେ ରାତ୍ରିରେ ମହାଆଳତୀ ନୀତି ସଂପନ୍ନ ହୋଇଥିଲା । ପରେ ଦେବଦମ୍ପତି ମନ୍ଦିରରୁ ବାହାରି ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ନନ୍ଦପଡ଼ାର ବାଲୁଙ୍କେଶ୍ୱରବାବା, ମୋଦିପଡ଼ାର ଜାଗେଶ୍ୱର ବାବା, ଝାଡୁଆପଡ଼ାର ଲୋକନାଥ ବାବାଙ୍କ ସମେତ ଦେବୀ ପାର୍ବତୀଙ୍କୁ ଧରି ଏକ ବିରାଟ ପଟୁଆରରେ ନଗର ପରିକ୍ରମା କରିଛନ୍ତି । ଏହି ଯୁଗଳ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

# ଶୀତଳଷଷ୍ଠୀ-କେନ୍ଦ୍ରମନ୍ତ୍ରୀ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ସହରରେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହୋଇଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଶୀତଳଷଷ୍ଠୀ ଯାତ୍ରା ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିଭବର ଅନନ୍ୟ ନିଦର୍ଶନ । ଥାଳିଉଠା, ପତରପେଣ୍ଡି, ଗୁଆଗୁଣା, ଦେବ ନିମନ୍ତ୍ରଣ ଓ ଦେବ ବିବାହ  ଆଦି ପରମ୍ପରା ଏହି ପର୍ବକୁ ଏକ ଭିନ୍ନ ପରିଚୟ ଦେଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ରଥ ନିର୍ମାଣ

ସାବର ଶ୍ରୀକ୍ଷେତ୍ର କୋରାପୁଟ ରଥଯାତ୍ରା ପାଇଁ ରଥ  ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଠାକୁରଙ୍କଠାରୁ ଆଜ୍ଞାମାଳ ଆଣି ରଥଖଳାରେ ରଥକାଠଗୁଡ଼ିକୁ ଯଥାରୀତି ପୂଜାର୍ଚ୍ଚନା କରାଯାଇଛି । କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତିବାସନ ଓ ଜଗନ୍ନାଥ ମନ୍ଦିର କମିଟି ସମ୍ପାଦକ ଭବାନୀଶଙ୍କର ଆଚାର୍ଯ୍ୟଙ୍କ ସମେତ ନଗରପାଳ ପ୍ରମୁଖ କର୍ତ୍ତା ଭାବରେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ ।

# ପାଣିପାଗ

ରାଜ୍ୟରେ ବର୍ଷାର ପ୍ରଭାବ ହ୍ରାସ ପାଇବା ପରେ ଦିନର ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତକାଲି ପାରଳାଖେମୁଣ୍ଡିଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ

ହୋଇଥିଲା । ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି, ପଶ୍ଚିମ ଦିଗରୁ ବହୁଥିବା ଶୁଷ୍କ ବାୟୁ ପ୍ରବାହ ପାଇଁ ଆଗକୁ ଅଧିକ ତାତି ଓ ଗୁଳୁଗୁଳି ଅନୁଭୂତ ହେବ । ଆସନ୍ତା ବୁଧବାରଠାରୁ ତାପମାତ୍ରା ଆହୁରି ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି ।